ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/STSC Dev (OD)/1217/04-02-2021

# ଦଶମ ଦିନରେ ଆଦିବାସୀ ମେଳା

# ଜନଜାତିଙ୍କ ଜୀବିକାର୍ଜନ ଓ ସଶକ୍ତିକରଣର ନିଆରା ଚିତ୍ର

ଭୁବନେଶ୍ୱର, ୦୪/୦୨/ ୨୦୨୧- ଓଡ଼ିଶାରେ ଆର୍ଥିକ ଦିଗରୁ ଗରିବ ଓ ଉପେକ୍ଷିତ ଅବସ୍ଥାରେ ରହିଥିବା ବିଶାଳ ଆଦିବାସୀ ବର୍ଗଙ୍କୁ ପ୍ରଗତିର ସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଜନଜାତି ବର୍ଗର ଲୋକଙ୍କ ପାଇଁ ଜୀବିକା ବା ରୋଜଗାରର ପନ୍ଥା ବାହାର କରିବା ସରକାରଙ୍କ ଆଗରେ ବଡ଼ ଆହ୍ୱାନ୍ ସୃଷ୍ଟି କରିଛି । ସେଥିପାଇଁ ସରକାର ଗତ କିଛି ବର୍ଷ ହେଲା ଆଦିବାସୀଙ୍କ କଲ୍ୟାଣ ନିମନ୍ତେ ଦୁଇଟି ବଡ଼ କାର୍ଯ୍ୟକ୍ରମ ଜନଜାତି ଅଧ୍ୟୁଷିତ ଜିଲ୍ଲା ଗୁଡ଼ିକରେ କାର୍ଯ୍ୟକାରୀ କରୁଛନ୍ତି । ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ଅର୍ଜନ ପ୍ଲସ୍ ନାମରେ ଏକ ଯୋଜନା ୨୦୧୧ ମସିହାରେ ପ୍ରଥମେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଏବେ ଆଉ ଆଠଟି ଜିଲ୍ଲା ନବରଙ୍ଗପୁର, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡ଼କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ସଶକ୍ତିକରଣ ଦିଗରେ ଜନଜାତିଙ୍କ ଦକ୍ଷତା ବୃଦ୍ଧି, ଜୀବିକାର ଉନ୍ନତିକରଣ ଓ ଉନ୍ନୟନ ମୂଳକ ପାଣ୍ଠିର ବ୍ୟବସ୍ଥା କରିବା ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଆଦିବାସୀ ମାନଙ୍କ ମଧ୍ୟରେ ଥିବା ଦେଶୀୟ ଜ୍ଞାନ କୌଶଳର ଉପଯୋଗ ଦ୍ୱାରା ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବା, ଗରିବ ଆଦିବାସୀ ପରିବାରଙ୍କ ଜୀବିକାର୍ଜନ ନିମନ୍ତେ ଅଣକୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା, ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ତଥା ପଂଚାୟତିରାଜ ଅନୁଷ୍ଠାନକୁ ସହଭାଗିତା ଜରିଆରେ ସାମିଲ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ସେହିପରି ରାଜ୍ୟର ଜନଜାତି ମାନଙ୍କର ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାକୁ ୨୦୧୬-୧୭ ମସିହାରୁ 'ଓଡ଼ିଶା ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ' ନାମରେ ଆଉ ଏକ ଯୋଜନା ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ଉନ୍ନୟନ ପାଣ୍ଠି (ଆଇ.ଏଫ୍.ଏ.ଡି) ସହାୟତାର ହାତ ବଢ଼ାଇଛି । ରାଜ୍ୟରେ ଚିହ୍ନଟ ହୋଇଥିବା ୧୩ ପ୍ରକାର ଆଦିବାସୀ ସଂପ୍ରଦାୟ ପାଇଁ ୧୭ଟି ଅଣୁ ପ୍ରକଳ୍ପ ଉନ୍ନୟନ ସଂସ୍ଥା ଗଠିତ ହୋଇଛି ଏବଂ ଏହି ସଂସ୍ଥା ଗୁଡ଼ିକ ୧୨ଟି ଜିଲ୍ଲାରେ କାର୍ଯ୍ୟ କରୁଛି । ଜୀବିକାର୍ଜନର ପନ୍ଥା ବାହାର କରିବା ପାଇଁ ଉଦ୍ଦିଷ୍ଟ ଏହି ଦୁଇଟି କାର୍ଯ୍ୟକ୍ରମର ସଫଳତାର ଚିତ୍ର ପ୍ରତିଫଳିତ ହୋଇଛି ରାଜଧାନୀର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଏ ବର୍ଷର ଆଦିବାସୀ ମେଳାରେ । ଏହି ଦୁଇଟି କାର୍ଯ୍ୟକ୍ରମର ଆର୍ଥିକ ସହାୟତାରେ ବିକଶିତ ବିଭିନ୍ନ ଆଦିବାସୀ ଉନ୍ନୟନ ସଂସ୍ଥା ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ସାମଗ୍ରୀ ଗୁଡ଼ିକୁ ଧରି ଆସିଛନ୍ତି ଏହି ମେଳାକୁ । କେତେକ ଷ୍ଟଲରେ ସେମାନଙ୍କ ସାମଗ୍ରୀ ଗୁଡ଼ିକର ପ୍ରଦର୍ଶନ ଓ ବିକ୍ରି ଖୁବ୍ ଜମୁଥିବାର ଲକ୍ଷ୍ୟ କରାଯାଉଛି ।

ଆଜି ଥିଲା ଆଦିବାସୀ ମେଳାର ଦଶମ ଦିନ । ପୂର୍ବାହ୍ନ ଅପେକ୍ଷା ଅପରାହ୍ନରେ ଅଧିକ ଦର୍ଶକ ମେଳା ପରିସରକୁ ଆସି ନିଜ ନିଜର ପସନ୍ଦର ଘରକରଣା ସାମଗ୍ରୀ କ୍ରୟ କରିଥିଲେ । କେତେକ ମହିଳା ସେମାନଙ୍କ ଶିଶୁ ସନ୍ତାନକୁ କୋଳରେ କାଖରେ ଧରି ବିଭିନ୍ନ ଷ୍ଟଲରେ ଜିନିଷ କିଣୁଥିବାର ଦୃଶ୍ୟ ନଜରକୁ ଆସିଥିଲା ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ